# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**23 August - 2024**

**News Editor : *Itishree Singh Rathaur***

---

# ମୁଖ୍ୟମନ୍ତ୍ରୀ- ନିର୍ମାଣ କାର୍ଯ୍ୟ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଗତକାଲି ବିଶ୍ୱବିଦ୍ୟାଳୟର ଉନ୍ନତି ସଂପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଆଗାମୀ ୨ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଛନ୍ତି । ସେହିଭଳି ବିଶ୍ୱବିଦ୍ୟାଳୟ ପାଇଁ ଖୁବ୍ ଶୀଘ୍ର ପରୀକ୍ଷା ନିୟନ୍ତ୍ରକ, କୁଳସଚିବ ଓ ବିତ୍ତ ନିୟନ୍ତ୍ରକ ପଦବୀ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

---

# କ୍ରିଏଟ୍ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଶ୍ୱ ଅଡ଼ିଓ ଭିଜୁଆଲ୍ ଆଣ୍ଡ୍ ଏଣ୍ଟରଟେନ୍‌ମେଣ୍ଟ ସମିଟ୍-ୱେଭ୍ସ ର କ୍ରିଏଟ୍ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ-ସିଜିନ୍-୧ ର ଅଂଶ ବିଶେଷ ଭାବେ ୨୫ଟି ଚ୍ୟାଲେଞ୍ଜର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ବୈଷ୍ଣବ କହିଛନ୍ତି ଏହି ଉନ୍ମୋଚନ ବିକାଶଶୀଳ ଏବଂ ବିକଶିତ ଅର୍ଥ ବ୍ୟବସ୍ଥାର ଏକ ପ୍ରତିଫଳନ । କେନ୍ଦ୍ର ସରକାର ବିଶ୍ୱସ୍ତରୀୟ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଏବଂ ଭିତ୍ତିଭୂମି ସୃଷ୍ଟି ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

---

# ସୁନାଖଣି

ଦେବଗଡ଼ ଜିଲ୍ଲାର ଆଡ଼ସ-ରାମପାଲୀ ଅଞ୍ଚଳରେ ସୁନା ପଥର ଖଣିର ସନ୍ଧାନ ମିଳିଛି । ଭୂ-ବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଜିଏସ୍ଆଇ ଦ୍ୱାରା ତମ୍ବାପଥର ଉତ୍ତୋଳନ ସମୟରେ ସୁନାଖଣିର ସନ୍ଧାନ ମିଳିଥିବା ବିଧାନସଭାରେ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ଖଣିମନ୍ତ୍ରୀ କହିଛନ୍ତି ଏହି ଅଞ୍ଚଳରେ ସୁନା ଗଚ୍ଛିତ ଥିବା ଭୂତାତ୍ତ୍ୱିକ ଆକଳନରୁ ଜଣାପଡ଼ିଛି । ଏହି ଖଣିଜ ବ୍ଲକ୍‌କୁ ନିଲାମ କରିବା ପାଇଁ ପ୍ରସ୍ତୁତି ଚାଲିଛି । ସେହିପରି କେନ୍ଦୁଝର ଜିଲ୍ଲାର ଗୋପୁର ଗାଜିପୁର ଅଞ୍ଚଳରେ ପ୍ରାଥମିକ ସର୍ବେକ୍ଷଣରୁ ସୁନାଖଣି ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ବୋଲି ମନ୍ତ୍ରୀ କହିଛନ୍ତି ।

# ରତ୍ନଭଣ୍ଡାରରୁ ସିନ୍ଦୁକ ସ୍ଥାନାନ୍ତର

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନଭଣ୍ଡାରରୁ ଆଜି ପୁରୁଣା ସିନ୍ଦୁକ ଏବଂ ଆଲ୍‌ମାରୀ ଗୁଡ଼ିକୁ ସ୍ଥାନାନ୍ତର କରାଯିବ । ଦିନ ଗୋଟାଏଠାରୁ ସ୍ଥାନାନ୍ତର ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ନୀଳାଦ୍ରି ମହୋଦୟ ସଂଗ୍ରହାଳୟ ନିକଟ ଏକ କୋଠରୀକୁ ପୁରୁଣା ସିନ୍ଦୁକ ଓ ଆଲମୀରା ଗୁଡ଼ିକୁ ସ୍ଥାନାନ୍ତର କରାଯିବ । ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ମାର୍ଗଦର୍ଶିକା ଅନୁମୋଦନ କରିଛନ୍ତି । ସୂଚନା ଅନୁସାରେ ଗତ ଜୁଲାଇ ୧୪ ଓ ୧୮ ତାରିଖରେ ବାହାର ଓ ଭିତର ରତ୍ନଭଣ୍ଡାରରୁ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଥିଲା ।

# ସର୍ଭେ

ରାଜ୍ୟ ସରକାର ଭୂବନ୍ଦୋବସ୍ତ ପାଇଁ ପ୍ରଥମ ପର୍ଯ୍ୟାୟରେ କଟକ, ଖୋର୍ଦ୍ଧ, ଗଞ୍ଜାମ,କେନ୍ଦୁଝର, ବଲାଙ୍ଗୀର, ସୁନ୍ଦରଗଡ଼, ଦେବଗଡ଼, ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲ୍ଲାରେ ହାଇଟେକ୍ ସର୍ଭେ ଆରମ୍ଭ କରିଛନ୍ତି ବୋଲି ବିଧାନସଭାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ସେ କହିଛନ୍ତି ଓଡ଼ିଶା ସ୍ପେଶାଲ ସର୍ଭେ ଏବଂ ସେଟେଲ୍‌ମେଣ୍ଟ ଆକ୍ଟ ରୁଲ୍‌ସ ୨୦୧୨ ଅନୁଯାୟୀ ଏହି ସର୍ବେକ୍ଷଣ ହେଉଛି । ସୂଚନା ଅନୁସାରେ ଜମିର ସତ୍ତ୍ୱାଧିକାରୀଙ୍କ ମୃତ୍ୟୁ ସ୍ଥଳେ ରାଜସ୍ୱ ନିରୀକ୍ଷକମାନେ ରେକର୍ଡ ଯାଞ୍ଚ କରି ଉତ୍ତରାଧିକାରୀଙ୍କ ନାମରେ ରେକର୍ଡ ସଂଶୋଧନ କରିବେ । ଏହା ପରେ ତହସିଲଦାରଙ୍କ ନିକଟରେ ପ୍ରସ୍ତାବ ଦେବାର ବ୍ୟବସ୍ଥା ରହିଛି । ଏହି ପ୍ରସ୍ତାବକୁ ଭିତ୍ତିକରି ଜମିପଟ୍ଟା ସଂଶୋଧନ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

---

# ଖର୍ଚ୍ଚ ଦାବି

ବିଧାନସଭାରେ ଗତକାଲି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗର ଖର୍ଚ୍ଚ ଦାବି ଗୃହୀତ ହୋଇଛି । ଖର୍ଚ୍ଚ ଦାବି ଉପସ୍ଥାପନ ସମୟରେ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ରାଜ୍ୟରେ ୫ବର୍ଷ ପରେ କେହି ଭୂମିହୀନ ରହିବେ ନାହିଁ । ସେହିଭଳି ଭୂମିହୀନ ଆଦିବାସୀଙ୍କୁ ମଧ୍ୟ ଜମିପଟ୍ଟା ମିଳିବ । ସରକାରୀ ଜମିରେ ରହୁଥିବା କୌଣସି ଗରିବଙ୍କୁ ବାସଚ୍ୟୁତ କରାଯିବ ନାହିଁ । ଗୋଚର ଜମିରେ ରହୁଥିଲେ ସମାନ ପରିମାଣର ଜମି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ଶ୍ରୀ ପୂଜାରୀ କହିଛନ୍ତି ଆସନ୍ତା ଡିସେମ୍ବର ମାସ ସୁଦ୍ଧା ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନକୁ ଜମିପଟ୍ଟା ଯୋଗାଇ ଦିଆଯିବ । ସୂଚନା ଅନୁସାରେ ଗତକାଲି ବାଚନିକ ଭୋଟ୍‌ରେ ବିଭାଗର

୧ ହଜାର ୭୬୮ କୋଟି ୮୪ ଲକ୍ଷ ୪୦ ହଜାର ଟଙ୍କାର ଖର୍ଚ୍ଚଦାବି ପାରିତ ହୋଇଛି ।

## ମହାକାଶ ଦିବସ

ଦେଶରେ ଆଜି ଜାତୀୟ ମହାକାଶ ଦିବସ ପାଳନ କରାଯାଉଛି । ଚନ୍ଦ୍ରଯାନ-୩ର ସଫଳତା ପରେ ଅଗଷ୍ଟ ୨୩ ତାରିଖକୁ ଜାତୀୟ ମହାକାଶ ଦିବସ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ । ଗତବର୍ଷ ଚନ୍ଦ୍ରଯାନ-୩ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଥିଲା ।

## ଫୁଟ୍‌ବଲ୍

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ବରଗଡ଼ ଜିଲ୍ଲା ଆଥ୍‌ଲେଟିକ୍ ମହାସଂଘର ସହଯୋଗରେ ଆଜିଠାରୁ ଆନ୍ତଃଜିଲ୍ଲା ବରିଷ୍ଠ ମହିଳା ଫୁଟବଲ ଚାମ୍ପିୟାନ୍‌ସିପ୍ ଆରମ୍ଭ ହେବ । ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍ ୨୨ଟି ଦଳ ଅଂଶ ଗ୍ରହଣ କରିବେ ।

## ପାଣିପାଗ

ବାଂଲାଦେଶ ଉପରେ ରହିଥିବା ସକ୍ରିୟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ବଙ୍ଗୋପସାଗରରେ ଆସନ୍ତାକାଲି ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତିପ୍ରବଳ ବର୍ଷା ହେବା ନେଇ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୮ଟି ଜିଲ୍ଲାରେ

ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି ।

---